ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.03 - MARCH 2026

# ପଦ୍ମ

**ସରସ୍ୱତୀ ମେହେର**



ପଙ୍କ ର ଗର୍ଭ ରୁ ଜାତ
ପଦ୍ମ ଫୁଲଟି ସୁନ୍ଦର
କଳୁଷ ମାଟି ରେ ଥାଇ ମଧ
ପବିତ୍ର, ଶୁଦ୍ଧ ସାକାର ।

ଶିଶିର ଝରି ପତ୍ରରେ ହୁଏ
ଢଳ ଢଳ ମୋତି ପରି
ସୁରୁଜ ଆଗମନରେ ନଳିନୀ
ହସେ କିରି କିରି ।

ନୀରବ, ଶାନ୍ତ ପୋଖରୀ, ଗଡିଆରେ
ସ୍ୱପ୍ନ ସୁନ୍ଦରୀ ପରି ଝଲେସେ
ଜଳ ରେ ଥାଇ ଜଳ କୁ ଛୁଏଁନି
ସଭିଙ୍କ ମନ ମୋହି ନିଏ ହରଷେ ।

ଲୋଭ, ଈର୍ଷା, ମୋହ ନ ଥାଏ
କେବେ ପଦ୍ମ ଫୁଲର
ଦେବି ଦେବତାଙ୍କ ଆସନ ସଜ୍ଜିତ
ପ୍ରିୟ ଲକ୍ଷ୍ମୀ ମାତାଙ୍କର ।

ଭାରତର ସସ୍କୃତି ରେ ଜାତୀୟ
ଫୁଲ ରୂପେ ବିବେଚିତ
ହଉ ଝଡ ତୋଫାନ, ବର୍ଷା
କରେ ନାହିଁ ମଥା ନତ ।

**ସିନାପାଲି, ନୂଆପଡ଼ା**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*